ଧରିତ୍ରୀ
DHARITRI
ମଙ୍ଗଳବାର, ୨୧ ସେପ୍ଟେମ୍ବର ୨୦୨୧

**ଯୋଗଦେଲେ ନୂତନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ**

ବାସୁଦେବପୁର, (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମାନସ ଦଣ୍ଡପାଟ ସୋମବାର ଯୋଗ ଦେଇଛନ୍ତି। ପୌର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ପ୍ରାୟ ୬ମାସ ଧରି ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ବିଡିଓ ପ୍ରଣବ କୁମାର ବେହେରା ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।



## ସଂକ୍ଷେପରେ

### ଜେଏମ୍ଏମ୍‌ରେ ଯୋଗ ଦେଲେ ଜଗବନ୍ଧୁ

କେନ୍ଦୁଝର, ୨୦।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର କଳିଙ୍ଗ ସେନାର ପୂର୍ବତନ ବିଧାୟକ ପ୍ରାର୍ଥୀ ଜଗବନ୍ଧୁ ମହାନ୍ତ ମୟୂରଭଞ୍ଜ ଜିଲାର ହାଟବାଦଲାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେଏମ୍ଏମ୍‌ରେ ଯୋଗ ଦେଇଛନ୍ତି। ଜେଏମ୍ଏମ୍‌ର ରାଜ୍ୟ ସଭାପତି ଅଞ୍ଜନି ସୋରେନ, ପୂର୍ବତନ ମୟୂରଭଞ୍ଜ ଏମ୍‌ପି ତଥା ଜେଏମ୍ଏମ୍‌ର ରାଜ୍ୟ ସାଧାରଣ ସମ୍ପାଦକ ରାମଚନ୍ଦ୍ର ହାଂସଦା ଉପସ୍ଥିତ ଥିଲେ। ମଦ ବିରୋଧୀ ଆନ୍ଦୋଳନର ସଭାନେତ୍ରୀ ଚନ୍ଦ୍ରମଣି ସିଂ, ଜିଲା ୱାର୍ଡମେମ୍ବର ସଂଘର କାର୍ଯ୍ୟକରୀ ସଭାପତି ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ରାଇରଙ୍ଗପୁର,୨୦।୯(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ‌କ ମହିଳାଙ୍କୁ ରବିବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ.୧୫୩/୨୧) ରୁଜୁ କରି ଅଭିଯୁକ୍ତ ନାବାଳକଙ୍କୁ ବାରିପଦାସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରିଛି। ଅପରାହ୍ନରେ ମହିଳା ଶୌଚ ଲାଗି ଯାଇଥିବା ବେଳେ ଅଭିଯୁକ୍ତ ନାବାଳାକ ତାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ସୋମବାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି।

### ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି

କେନ୍ଦୁଝର, ୨୦।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅର୍ଜୁନ ଚୁଆ ଖଡ଼ିଖମଣ ଗ୍ରାମରେ ଜଳସେଚନ ସୁବିଧା ନ ଥିବାରୁ ସ୍ଥାନୀୟ ଚାଷୀ ମାନେ ଚାଷ କାର୍ଯ୍ୟ କରି ପାରୁନାହାନ୍ତି। ଚାଷୀ ମାନେ ପାଖରେ ବହିଯାଇଥିବା ବାଗିରା ନାଳରୁ ନିଜ ଉଦ୍ୟମରେ କେନାଲ ଖୋଳି ପାଣି ଜମିକୁ ମଡ଼ାଇବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଛନ୍ତି। ଏନେଇ ବିଡିଓଙ୍କୁ ଗ୍ରାମକୁ ନେଇ ସମସ୍ୟା ଦେଖାଇଥିଲେ ହେଁ ସମାଧାନ ହୋଇ ନ ଥିଲା। ଏଣୁ ସୋମବାର ଏକ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ଚାଷୀ କାଳିଦାସ ହେମ୍ବ୍ରମ କହିଛନ୍ତି।

### ଛାତ୍ର ପାଇବେ ରାଷ୍ଟ୍ରପତି ପୁରସ୍କାର

ବାରିପଦା ଅଫିସ, ୨୦।୯-ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ତଖତପୁର କ୍ୟାମ୍ପସରେ ଇଂରାଜୀରେ ମାଷ୍ଟର ଡିଗ୍ରୀ କରୁଥିବା ପ୍ରଥମ ବର୍ଷ ଛାତ୍ର ତଥା ଏନ୍‌ଏସ୍ଏସ୍ ସ୍ୱେଚ୍ଛାସେବୀ ଜନ୍ମେଞ୍ଜୟ ଗିରି ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଉଲ୍ଲେଖନୀୟ ସ୍ୱେଚ୍ଛାସେବୀ କାର୍ଯ୍ୟ ଲାଗି ଡ.ଦେବେଶ ଶଙ୍କର ହୋତାଙ୍କ ମେଣ୍ଟରସିପ୍‌ରେ ସୀମାନ୍ତ କଲେଜ ଝାରପୋଖରିଆର ଛାତ୍ର ଭାବେ ଏହି ଜାତୀୟ ପୁରସ୍କାର ପାଇବାକୁ ସେ ମନୋନୀତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଗରୁଡ଼ ଆପ୍ ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ,୨୦।୯(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପଞ୍ଚାୟତ ସମିତି ସଭାଗୃହରେ ଗରୁଡ଼ ଆପ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସ ଉଦ୍‌ଘାଟନ କରିଥିଲେ। ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଗରୁଡ଼ ଆପ୍ ଏକ ସରଳୀକରଣ ପ୍ରକ୍ରିୟା ବୋଲି ବିଡିଓ ସୂଚନା ଦେଇଥିଲେ। ଭୋଟର ହେଲ୍ପଲାଇନ ପାଇଁ ୧୧୮ଜଣ ବୁଥ୍ ସ୍ତରୀୟ ଓ ୧୧ଜଣ କ୍ଷେତ୍ର ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମିନକେତନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଷଣ୍ଢ ଉତ୍ପାତରେ ଅତିଷ୍ଠ ଚାଷୀ

ପଦ୍ମପୁର, ୨୦।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲା ଷଣ୍ଢମାନେ ଧାନ ଫସଲ ଖାଇ ଯାଉଛନ୍ତି। ଆନ୍ଦୋଳା, ଦଧିବାମନପୁର, ପଦ୍ମପୁର, ସୁଗୋ, ଏଡ଼ତାଳ, ନାୟକାଣିଡିହୀ, ବାଲିମେଦ, ଚାନ୍ଦିମାଳ, ବିଦେଇପୁର, ପାରାପୋଖରୀ ଛକ, ମନ୍ଦାରୀ, କିଷ୍ଣତକୃଷ୍ଣପୁର, ଭଦ୍ରକ ସଦର ଓ ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଶତାଧିକ ଷଣ୍ଢ ରହୁଛନ୍ତି। ରାତିରେ ଲୋକଙ୍କ ଯାତାୟାତ ବନ୍ଦ ହେଲା ପରେ ୧୦ରୁ ୨୦ ଷଣ୍ଢ ଧାନକ୍ଷେତରେ ପଶି ଖାଇବା ସହ ନଷ୍ଟ କରୁଛନ୍ତି। ସକାଳ ହେଲେ ରାସ୍ତାରେ ଶୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ପ୍ରଶାସନ କାଞ୍ଜିଆହୁଦା ତିଆରି କରି ଷଣ୍ଢମାନଙ୍କୁ ନେଇ ରଖିବା ପାଇଁ ସେମାନେ ଦାବି କରିଛନ୍ତି।

# ‘୧୦ଦିନ ମଧ୍ୟରେ ରିପୋର୍ଟ ଦିଅ’

ବାରିପଦା ଅଫିସ,୨୦।୯


ସମୀକ୍ଷା ବୈଠକରେ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଅନ୍ୟମାନେ।

- କ୍ଷୟକ୍ଷତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ
- ୨୬ ପରିବାରକୁ ୧କୋଟି ୪ଲକ୍ଷ ଟଙ୍କାର ସହାୟତା

ବିପର୍ଯ୍ୟୟ ପ୍ରଶମନ ଓ ରାଜସ୍ୱ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ସୋମବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜିଲାପ୍ରଶାସନ ସହିତ ଆଲୋଚନା କରିଛନ୍ତି। ୧୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଏସ୍ଆର୍‌ସିଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ମୃତ୍ୟୁ ବରଣ କରିଥିବା ଜିଲାର ୨୬ଜଣଙ୍କୁ ୧କୋଟି ୪ଲକ୍ଷ ଟଙ୍କାର ମଞ୍ଜୁରୀ ପତ୍ର ସେ ପ୍ରଦାନ କରିଛନ୍ତି।

ଲଘୁଚାପ ଜନିତ ବର୍ଷା ଯୋଗୁ ଜିଲାର ୨୨ଟି ବ୍ଲକ ଅଧୀନ ୧୨୭ଟି ପଞ୍ଚାୟତର ୩୯୬ଟି ଗ୍ରାମ ଓ ବାରିପଦା ପୌରପାଳିକା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ୫୪୧୫ ଲୋକ ପ୍ରଭାବିତ ହୋଇଥିବା ବେଳେ ୪୮୩ଟି ଘର ଭାଙ୍ଗିଛି। ଖୁଣ୍ଟା ଓ ସାରସକଣା ବ୍ଲକରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ଜିଲା କୃଷି ବିଭାଗର ପ୍ରାରମ୍ଭିକ ସୂଚନା ଅନୁଯାୟୀ ବେତନଟୀ, ଶାମାଖୁଣ୍ଟା, ରାସଗୋବିନ୍ଦପୁର, ବଡ଼ସାହି ଓ ଯଶିପୁର ବ୍ଲକରେ ୧୨୫୩.୨୯ହେକ୍ଟର ଧାନ ଓ ୮୬୭.୨୯ ହେକ୍ଟର ଅଣଧାନ ଚାଷକୁ ମିଶାଇ ମୋଟ ୨୧୨୦.୫୮ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଛି। ସେଥି ମଧ୍ୟରୁ ୩୩ପ୍ରତିଶତରୁ ଊର୍ଦ୍ଧ୍ୱ ଧାନଚାଷରେ ୩୩.୨୯ ହେକ୍ଟର ଓ ଉଦ୍ୟାନ କୃଷିରେ ୯୦ହେକ୍ଟର ଜମିର ଚାଷ ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ଚାଷୀଙ୍କ କ୍ଷୟକ୍ଷତି ଭରଣା ନିମନ୍ତେ ୫୮ଲକ୍ଷ ୯୭ହଜାର ୫୭୨ ଟଙ୍କା ଆବଶ୍ୟକ ଥିବା ନେଇ କୃଷି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗୃହ ପାଳିତ ପଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମୋରଡ଼ା ବିଧାୟକ ରାଜକିଶୋର ଦାସ ଅନୁରୋଧ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜ, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି, ଉପଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ସରୋଜ କୁମାର ସାହୁ, ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୂର୍ତ୍ତ, କୃଷି, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଜଳ ଓ ପରିମଳ, ବିଦ୍ୟୁତ୍ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

## ମୋରଡ଼ା,ଠାକୁରମୁଣ୍ଡାରେ ହାତୀ ଆତଙ୍କ

ଚିତ୍ରଡ଼ା/ଠାକୁରମୁଣ୍ଡା,୨୦।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଓ ଠାକୁରମୁଣ୍ଡା ବ୍ଲକରେ ହାତୀ ଉତ୍ପାତ ଲାଗି ରହିଛି। ହାତୀପଲ ବ୍ୟାପକ କ୍ଷୟକ୍ଷତି କରୁଥିବା ବେଳେ ବନ ବିଭାଗ ସେମାନଙ୍କୁ ଘଉଡ଼ାଇବାରେ ବିଫଳ ହୋଇଛି। ରବିବାର ରାତିରେ ମୋରଡ଼ା ବ୍ଲକର ବରକନ୍ଦ ପଞ୍ଚାୟତ ଅନ୍ତର୍ଗତ ଟିଆଁସି ଲୋଧାସାହିର କନ୍ଦା ମଲ୍ଲିକ ଏବଂ ସ୍ତ୍ରୀ ରେବତୀ ୩ ଛୋଟ ପିଲାଙ୍କ ସହିତ ଶୋଇଥିବା ବେଳେ ହାତୀ ତାଙ୍କ ଘରେ ପଶି ଚାଉଳ, ଭାତ ନଷ୍ଟ କରିବା ସହିତ କାନ୍ଥ ଭାଙ୍ଗିଦେଇଥିଲା। ପରିବାର ଲୋକେ ଭୟରେ ଜଙ୍ଗଲକୁ ପଳାଇ ଯାଇଥିଲେ। ଉକ୍ତ ସାହିର ଦଲେ ମଲ୍ଲିକଙ୍କ ଘର ମଧ୍ୟ ହାତୀ ଭାଙ୍ଗିବା ସହ ପନିପରିବା ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଶିମିଳିପାଳରୁ ଆସିଥିବା ୪ ଟିକିଆ ହାତୀପଲ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଦିଗଧର, ତରାମରା ଓ ଠାକୁରମୁଣ୍ଡା ପଞ୍ଚାୟତ ନିକଟବର୍ତ୍ତୀ ଜଙ୍ଗଲରେ ଦୀର୍ଘ ଦିନ ହେଲା ଏହି ହାତୀପଲ ରହି ଆସୁଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ନିକଟସ୍ଥ ଧାନ ବିଲରେ ପଶି ନଷ୍ଟ କରୁଛନ୍ତି। ରବିବାର ରାତିରେ ହାତୀପଲ ତରାମରା ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା ଓ ବାଘମୁଣ୍ଡା ଗ୍ରାମ ନିକଟରେ ଥିବା ପୂର୍ଣ୍ଣଚନ୍ଦ୍ର ସେଠୀ, ବିଦ୍ୟାଧର ମହାନ୍ତ, ଗୌର ମହାନ୍ତ ଓ ନିତାଇ ଧଳଙ୍କ ଧାନ ବିଲରେ ପଶି ବ୍ୟାପକ ନଷ୍ଟ କରିଛନ୍ତି।

## ଇଞ୍ଜିନିୟରିଂ କଲେଜରେ ଛାତ୍ର ଅଶାନ୍ତି

ଭଦ୍ରକ ଅଫିସ, ୨୦।୯

ଭଦ୍ରକ ଜିଲା ବରପଦା ଇଞ୍ଜିନିୟରିଂ କଲେଜରେ ସୋମବାର ପୂର୍ବାହ୍ନରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଛାତ୍ରମାନେ ଟାୟାର ଜାଳି ଭଦ୍ରକ-ଆନନ୍ଦପୁର ମୁଖ୍ୟରାସ୍ତାକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮ରେ ନାମ ଲେଖାଇଥିଲେ। ଏହାମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର ପରୀକ୍ଷା ହେଉନାହିଁ କିମ୍ବା ପରୀକ୍ଷା ପାଇଁ ଫର୍ମ ପୂରଣ ହେଉନାହିଁ। ଏନେଇ ସେମାନେ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସୋମବାର ପୁନର୍ବାର ଏନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ସମାଧାନ ଲାଗି ଦିନ ଧାର୍ଯ୍ୟ ହେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଜିଲାପାଳଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ।

କେନ୍ଦୁଝର, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାଙ୍କର ଆଞ୍ଚଳିକ ସମସ୍ୟାକୁ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଚେତାବନୀ ଦିଆଯାଇଛି। ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ କେନ୍ଦୁଝର ଜିଲା ଶାଖା ପକ୍ଷରୁ ସୋମବାର ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ୟାସ ଫିଲିଂ ବାବଦକୁ ଠିକ ଦର ପ୍ରଦାନ, ଅଣ୍ଡା ଦର ୫ଟଙ୍କା ବଦଳରେ ୮ ଟଙ୍କାକୁ ବୃଦ୍ଧି, ଗରମ ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା ସହ ମିନି ଅଙ୍ଗନୱାଡିକୁ ଅଙ୍ଗନୱାଡି କରିବା, କର୍ମୀ ମାନଙ୍କୁ ନିଜ ହିସାବରେ ସାମଗ୍ରୀ କ୍ରୟ ଲାଗି ଦାବି ହୋଇଛି।

## ବିଜେଡି ଉପସଭାପତିଙ୍କୁ ମାଡ଼ ଘଟଣା
## ଉଭୟ ପକ୍ଷରୁ ଥାନାରେ ମାମଲା

ଯୋଡ଼ା,୨୦।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ିସ୍ଥିତ ଜଜାଙ୍ଗ ଖଣି ଗେଟ ସମ୍ମୁଖରେ ପରିବହନ ମୂଲ ଚାଲିଥିବା ଧାରଣାସ୍ଥଳରେ ଶନିବାର ଯୋଡ଼ା ବିଜେଡି ଉପସଭାପତିଙ୍କୁ ମାଡ଼ ଘଟଣାରେ ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି । ସୂଚନା ଅନୁଯାୟୀ, ବିଜେଡି ଉପସଭାପତି ସତ୍ୟାନନ୍ଦ କାରୁଆଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ.୧୨୩/୨୧) ରୁଜୁ ହୋଇଛି। ସେହିପରି ପ୍ରତିପକ୍ଷ ଜଳହରି ଟ୍ରାନ୍ସପୋର୍ଟ ମାଲିକ ଲାଦୁ ମୁଣ୍ଡାଙ୍କ ପକ୍ଷରୁ ଆଉ ଏକ (ନଂ.୧୨୪/୨୧) ରୁଜୁ ହୋଇଛି ବୋଲି ବାମେବାରୀ ପୋଲିସ ସୂଚନା ଦେଇଛି ।ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନାହିଁ। ଖଣିରେ ପରିବହନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଖଣି ଅଞ୍ଚଳ ଟ୍ରକ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଅନ୍ତର୍ଦ୍ୱନ୍ଦ୍ୱ ବିବାଦର କାରଣ ହେଉଛି।

## ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ

ଆରଡ଼ି,୨୦।୯(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମଠଡିହଠାରେ ସୋମବାର କୃପାଜୀ ମ୍ୟୁଜିକ ଅନୁଷ୍ଠାନ ପକ୍ଷରୁ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସତ୍ୟବ୍ରତ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ କିଶୋର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ, କୃପାଜୀ ମ୍ୟୁଜିକ ସତ୍ତ୍ୱାଧିକାରୀ ଶିକ୍ଷାବିତ୍ କୃପାସିନ୍ଧୁ ନାୟକ, ଶିକ୍ଷାବିତ୍ ମିହିର ନାୟକ, ଯୁବ ସାମାଜିକ କର୍ମୀ ସନ୍ଦୀପ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମିଛ କବିତାର ସମ୍ପାଦକ ଦୀପ୍ତି ରଞ୍ଜନ ନାୟକଙ୍କୁ ସାହିତ୍ୟ ସାରଥୀ, ସ୍ମିତାରାଣୀ ପଣ୍ଡାଙ୍କୁ କଳା ପୂଜାରୀ ଓ କହ୍ନେଇ ଚରଣ ବିଳାସଙ୍କୁ ଗୁରୁ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ରାସ୍ତା ଜାମ୍ ପାଇଁ ଅଟକୁଛି ଆମ୍ବୁଲାନ୍ସ

ବାସୁଦେବପୁର,୨୦।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରରେ ଗତ କିଛିଦିନ ଧରି ମୁଖ୍ୟରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହୁଥିବା ବେଳେ ବିଭିନ୍ନ ସମୟରେ ସହର ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତାରେ ଗାଡ଼ି ମୋଟର ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ଟ୍ରାଫିକ ଜାମ୍‌ରେ ମଧ୍ୟ ଫସୁଛି ଆମ୍ବୁଲାନ୍ସ। ଆମ୍ବୁଲାନ୍ସ ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିବାକୁ ନେଇ ରୋଗୀ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୋମବାର ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ମିଳିଥିଲା।

ବାସୁଦେବପୁରରେ ବର୍ଦ୍ଧିତ ଗାଡ଼ି ମୋଟର ଯୋଗୁ ସ୍ୱାଭାବିକ ଭାବେ ରାସ୍ତା ଜାମ୍ ରହୁଥିବା ବେଳେ ନିର୍ମାଣାଧୀନ ରାସ୍ତା ପାଇଁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି। ପୋଲିସ ଏହି ଭିଡ଼ ମଧ୍ୟରୁ ଆମ୍ବୁଲାନ୍ସକୁ ବାଟ କଢ଼ାଇ ନେବାକୁ ନାକେଦମ୍ ହେଉଛି। ମନ୍ଥର ଗତିରେ ରାସ୍ତା କାର୍ଯ୍ୟ ଚାଲିଥିବାରୁ ଆହୁରି କିଛିଦିନ ଏଭଳି ସମସ୍ୟା ଲାଗି ରହିବ ବୋଲି କୁହାଯାଉଛି। ବିଶେଷ କରି ରାସ୍ତାରେ ଆମ୍ବୁଲାନ୍ସ ସେବାକୁ ସ୍ୱାଭାବିକ କରିବା ଦିଗରେ ଉକ୍ତ ରାସ୍ତା ନିର୍ମାଣକାରୀ ସଂସ୍ଥା, ପୋଲିସ ଓ ସ୍ଥାନୀୟ ପ୍ରଶାସନ ଅଧିକ ଯତ୍ନଶୀଳ ହେବାକୁ ସାଧାରଣରେ ଦାବି ହୋଇଛି।


ଭିଡ଼ରେ ଆମ୍ବୁଲାନ୍ସ ଅଟକି ରହିଛି।

## ବର୍ଷାରେ ଭାଙ୍ଗିଲା ଘର
### ସହାୟତା ଲାଗି ପ୍ରଶାସନର ଦ୍ୱାରସ୍ଥ

କେନ୍ଦୁଝର, ୨୦।୯(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ସହରରେ ଲଗାଣବର୍ଷାରେ ଭାଙ୍ଗିଥିବା ଘର ଏବଂ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପଲିଥିନ ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି। ସୂଚନା ଅନୁସାରେ, କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଲଗାଣବର୍ଷା ଏବଂ ପାଣି ଜମି ରହିବା କାରଣରୁ ଅନେକ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଲିଥିନ ଯୋଗାଇ ଦେଇ ନ ଥିବାରୁ ଖୋଲାମେଲାରେ ସେମାନେ ଜୀବନଯାପନ କରୁଥିଲେ। ତେଣୁ ତାଙ୍କୁ ପଲିଥିନ ବ୍ୟବସ୍ଥା କରାଗଲେ ସପରିବାର ମୁଣ୍ଡ ଗୁଞ୍ଜିବାରେ ସହାୟକ ହୋଇପାରନ୍ତା ବୋଲି ସେମାନେ କହିଛନ୍ତି। କେନ୍ଦୁଝର ସହରର ୪ନଂ ୱାର୍ଡର ପାତ୍ରସାହି ସମେତ ଆଟୋପୁର ବେହେରା ସାହିର ପୂର୍ଣ୍ଣିମା ବେହେରା, ବାସନ୍ତୀ ବେହେରା, ଝୁନୁ ବେହେରା, ସୁନାମଣୀ ବେହେରା, ରୁନୀ ବେହେରା ପ୍ରମୁଖଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ କେନ୍ଦୁଝର ସଦର ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

## ସ୍ୱାମଶାସନରେ ହରିହାଟ

ପାଟଣା,୨୦।୯(ସ୍ୱ. ପ୍ର.)

ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମଶାସନ ମଣ୍ଡପରେ ସାମୂହିକ ଭାଗବତ ପାଠ( ହରି ହାଟ) ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ଓ ସୁଶାନ୍ତ ଶେଖର ଦାଶ ଦେବ ନୀତି ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ଗ୍ରାମ ନମୀନ ଲୋକନାଥ ମିଶ୍ର କାର୍ଯ୍ୟ କରିଥିଲେ। ଅଜିତ କୁମାର ଦାଶ, ବୀରମୋହନ ଦ୍ୱିବେଦୀ, ଶିବ ପ୍ରସାଦ ଦାଶ, ଗୌରୀ ରଞ୍ଜନ ମିଶ୍ର ପ୍ରମୁଖ ସମଗ୍ର ଭାଗବତ ଗୀତା ସହ ଅଷ୍ଟାଙ୍ଗ ପୁରାଣ ପଠନ କରିଥିଲେ। ଅନୁରୂପ ଭାବେ ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ରାଜ ସାହିରେ ଭାଗବତ ଟୁଙ୍ଗୀରେ ସୋମବାର ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ ହୋଇଯାଇଛି।

## ‘ସମାଜର ହିତ ଗଣମାଧ୍ୟମର ସ୍ୱର ହେଉ’


ସମ୍ମିଳନୀରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ,୨୦।୯

ସମାଜର ହିତ ପାଇଁ ଗଣମାଧ୍ୟମର ସ୍ୱର ସବୁବେଳେ ଶାଣିତ ହେଉ ବୋଲି ଭଦ୍ରକ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସାମ୍ବାଦିକ ସଂଘର ୧୦ମ ଜିଲା ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ସଭାପତି ଜ୍ଞାନ ପ୍ରକାଶ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀକୁ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ତ୍ରିଲୋଚନ ମାଝି, ମୁଖ୍ୟବକ୍ତା ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏବଂ ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ପୀତାମ୍ବର ସାମଲ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ଖବରଦାତା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶଶିଭୂଷଣ ପ୍ରହରାଜ ଓ ସଂଯୋଜକ ବିଶ୍ୱରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଉଦ୍ଧବ ଚରଣ ମିଶ୍ର ସମ୍ପାଦକୀୟ ବିବରଣୀ ରଖିଥିବାବେଳେ ସଭ୍ୟ ବିରେନ୍ଦ୍ର ଜେନା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶହୀଦ ଭଗତ ସେନା, ବିଏସ୍ଏସ୍ ଓ ୫ ସମାଜସେବୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁଣି ୩ ସପ୍ତାହ ସମୟ ନେଲା ପ୍ରଶାସନ

**ମଦନପୁର ଖଣି ଦୁର୍ନୀତି**

କେନ୍ଦୁଝର,୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ତହସିଲ ଅନ୍ତର୍ଗତ ମଦନପୁର ଗ୍ରାମରେ ହୋଇଥିବା ମାଙ୍କଡାପଥର ଚୋରା କାରବାର ଘଟଣାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲକୁ ସବିଶେଷ ତଥ୍ୟ ଦେବାକୁ ପ୍ରଶାସନ ପୁଣିଥରେ ୩ ସପ୍ତାହ ମହଲତ ମାଗିଛି। ଅଦ୍ୟାବଧି ନିର୍ଦ୍ଧାରିତ ପରିବେଶୀୟ କ୍ଷୟକ୍ଷତି ବାବଦକୁ ୭ କୋଟି ୩୦ ଲକ୍ଷ ଟଙ୍କା ଖଣିଚୋରଙ୍କଠାରୁ ଆଦାୟ ହୋଇ ନ ଥିବାବେଳେ ଉକ୍ତ ସ୍ଥାନର ପୂର୍ବାବସ୍ଥା ଫେରାଇ ଆଣିବା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆବେଦନକାରୀଙ୍କ ପାଇଁ ଲଢୁଥିବା ଆଇନଜୀବୀ ଶଙ୍କରପ୍ରସାଦ ପାଣି ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଉକ୍ତ ସ୍ଥାନରେ ଦୀର୍ଘ ୨୦ ବର୍ଷ ହେଲା ବେଆଇନ ଖଣି କାରବାର ହୋଇଆସୁଥିଲା। ଏଣୁ ବେଆଇନ ଖଣି ଖନନକାରୀଙ୍କୁ ଚିହ୍ନଟ ପାଇଁ ସମୟ ଲାଗୁଛି । ତେବେ ଆନନ୍ଦପୁର ଏସ୍‌ଡିପିଓ ଦେଇଥିବା ସତ୍ୟପାଠରେ ପାଟ୍ରୋଲିଂ ସମୟରେ ତଥା ପୋଲିସ ଓ ତହସିଲ ଯୁଗ୍ମ ଯାଞ୍ଚ ବେଳେ ବେଆଇନ ଖନନକାରୀଙ୍କଠାରୁ ୫ ଲକ୍ଷ ୫୫ ହଜାର ୮୦୪ ଟଙ୍କା ଫାଇନ ଆଦାୟ କରାଯାଇଛି। ୨୦୧୯ ସେପ୍ଟେମ୍ବର ୨୯ ଓ ଡିସେମ୍ବର ୩୦, ୨୦୨୦ ଜାନୁୟାରୀ ୭, ୮ ,୧୧ ଓ ୧୨ରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ ଦୁଇ ବର୍ଷ ପରେ ମଧ୍ୟ ବେଆଇନ ଖନନକାରୀଙ୍କ ଠାରୁ କ୍ଷୟକ୍ଷତି ବାବଦକୁ ଅର୍ଥ ଆଦାୟ ହୋଇ ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଉକ୍ତ ସ୍ଥାନର ସ୍ଥିତାବସ୍ଥା ଫେରାଇ ଅଣାଯାଇଥିବା ବେଳେ ଅତିରିକ୍ତ ବନ ସଂରକ୍ଷକ ଦେଇଥିବା ସତ୍ୟପାଠରେ ୨୦୨୧ ଜୁଲାଇ ୨୬ରେ ଉକ୍ତ ସ୍ଥାନରୁ ଉଠାଯାଇଥିବା ଫଟୋ ଟ୍ରିବ୍ୟୁନାଲ ଆଗରେ ଉପସ୍ଥାପନ କରିଛନ୍ତି। କିନ୍ତୁ ଏନେଇ କୌଣସି ରେକର୍ଡ ଟ୍ରିବ୍ୟୁନାଲ ଆଗରେ ଉପସ୍ଥାପନ ହୋଇ ନ ଥିବା ଆଇନଜୀବୀ ପାଣି ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଲଢୁଥିବା ଆଇନଜୀବୀ ସମାପିକା ମିଶ୍ର ପୁଣି ଥରେ ସମସ୍ତ ତଥ୍ୟ ଦାଖଲ ପାଇଁ ୩ ସପ୍ତାହ ସମୟ ମାଗିବା ପରେ ଟ୍ରିବ୍ୟୁନାଲ ଆଗାମୀ ଶୁଣାଣି ନଭେମ୍ବର ୧୭କୁ ରଖିଥିବାବେଳେ ଏହାର ଏକ ସପ୍ତାହ ପୂର୍ବରୁ ସମସ୍ତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଆଦେଶ କରିଛନ୍ତି।

## ମହାଲକ୍ଷ୍ମୀ ପୂଜା ଲାଗି ମାଟି ଉଠିଲା

ଢେଙ୍କିକୋଟ, ୨୦।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ସ୍ଥିତ ମହାଲକ୍ଷ୍ମୀ ପୂଜା କମିଟି ସୋମବାର ପବିତ୍ର ଇନ୍ଦୁପୂର୍ଣ୍ଣିମାରେ ମା’ ମହାଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ପୂଜା କରି ଆଣିଛନ୍ତି। ପୂଜା କମିଟିର ସଙ୍କଳ୍ପଧାରୀ ତଥା ବଣିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ସାହୁଙ୍କ ସଙ୍କଳ୍ପରେ ପୂଜକ କଳାକର ପଣ୍ଡାଙ୍କ ଦ୍ୱାରା ପୂର୍ବାହ୍ନରେ ଯଥାବିଧି ପୂଜାର୍ଚ୍ଚନା କରି କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମାଟି ପୂଜା କରି ଅଣାଯାଇଥିଲା। ମାଟି ଉଠା ଉତ୍ସବରେ କମିଟିର ପୁରୋଧା ଶଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ଦୈତାରି ନାୟକ, ହୃଷିକେଶ ମହାପାତ୍ରଙ୍କ ସମେତ ସମ୍ପାଦକ ବୁଲିଆ ସାହୁ, ବିଭୀଷଣ ମହାକୁଡ଼, ମାଧବାନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ମାଟି ଉଠା ପାଇଁ ପୂଜାର୍ଚ୍ଚନା।

## ନିଲାମ ହେଲେ ୧୪୦ ଖେଳାଳି

**ବାଙ୍ଗିରିପୋଷି ପ୍ରିମିୟର ଲିଗ୍ କ୍ରିକେଟ**

ବାଙ୍ଗିରିପୋଷି,୨୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ବାଙ୍ଗିରିପୋଷି ପ୍ରିମିୟର ଲିଗର ୪ର୍ଥ ସଂସ୍କରଣ ଆସନ୍ତା ଅକ୍ଟୋବର ୪ରେ ଉଦ୍‌ଘାଟିତ ହେବ। ଏଥିପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି । ନିଲାମରେ ଭାଗ ନେବାକୁ ୧୬୦ ଖେଳାଳି ଆବେଦନ କରିଥିବା ବେଳେ ୧୪୦ଜଣଙ୍କୁ କିଣିଛନ୍ତି ୬ଟି ଫ୍ରାଞ୍ଚାଇଜ୍ ଦଳ। ଟାଇଗର ୱାରିଅର୍ସ, ମା’ ଦ୍ୱାରଶୁଣି ୱାରିଅର୍ସ, ଟି.କେ.ୱେଲ-୧୧ ଏବଂ ଜଗା-୧୧, ରାଜଧାନୀ ଏକ୍ସପ୍ରେସ୍, ଶିମିଳେଶ୍ୱର ପଟନ ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଏହି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସଭାପତି ରଂଜିତ ସିଂ ଓ ଉପସଭାପତି ଦୀପକ କୁମାର ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

